# NATIONAL NEWS BULLETIN (ODIA)
## 12 March - 2025
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଚଣ୍ଡିଗଡଠାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ୭୨ତମ ସମାବର୍ତ୍ତନ ସମାରୋହରେ ଆଜି ଯୋଗଦେବେ ରାଷ୍ଟ୍ରପତି ।
- ମରିସସ୍ ଜାତୀୟ ଦିବସ ସମାରୋହରେ ଆଜି ସମ୍ମାନିତ ଅତିଥି ଭାବେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ତୁରନ୍ତ ଏବଂ ମଧ୍ୟବର୍ତ୍ତୀ ଅସ୍ତ୍ରବିରତି ପ୍ରସ୍ତାବରେ ୟୁକ୍ରେନ୍ ସହମତ ହୋଇଥିବା ନେଇ ସୂଚନା ଦେଲା ଆମେରିକା ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ପ୍ରେଜ୍-ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଚଣ୍ଡିଗଡଠାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ୭୨ତମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ଗତ ସଂଧ୍ୟାରେ ମୋହାଲିଠାରେ ପଞ୍ଜାବ ସରକାରଙ୍କ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସମାରୋହରେ ରାଷ୍ଟ୍ରପତି ଯୋଗଦେଇ ଗୁରୁଙ୍କ ଆଶୀର୍ବାଦ ଓ ପ୍ରେରଣାରେ ପଞ୍ଜାବ ସହିଦ ଏବଂ ବିପ୍ଳବୀଙ୍କୁ ଜନ୍ମଦେଇଛି ବୋଲି କହିଥିଲେ । ଦେଶର ସ୍ୱାଧୀନତା ସଂଗ୍ରାମର ବହୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ପଞ୍ଜାବ ମାଟିରେ ଲେଖାଯାଇଛି ବୋଲି ରାଷ୍ଟ୍ରପତି କହିଥିଲେ । ବିଭିନ୍ନ କ୍ଷେତ୍ରରେ ପଞ୍ଜାବ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ରାଷ୍ଟ୍ରପତି ଆଲୋକପାତ କରିଥିଲେ । ପଞ୍ଜାବର ପ୍ରଗତିଶୀଳ କୃଷକ କଠିନ ପରିଶ୍ରମ ମାଧ୍ୟମରେ ସବୁଜ ବିପ୍ଳବକୁ ସଫଳ କରିଛନ୍ତି ଏବଂ ଏହା ଦେଶକୁ ଖାଦ୍ୟସୁରକ୍ଷା ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି କହିଥିଲେ । ରାଜ୍ୟର କୃଷକ ଓ କୃଷି ବୈଜ୍ଞାନିକ ପରିବେଶ ଅନୁକୂଳ ଚାଷ ମାଧ୍ୟମରେ ଦେଶର କୃଷି କ୍ଷେତ୍ରକୁ ନେତୃତ୍ୱ ପ୍ରଦାନ କରିବେ ବୋଲି ରାଷ୍ଟ୍ରପତି

ଆଶାବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ସିଂହ ମାନ୍ କହିଥିଲେ ରାଷ୍ଟ୍ରପତିଙ୍କ ଗସ୍ତରେ ପ୍ରତ୍ୟେକ ପଞ୍ଜାବ ବାସୀ ଖୁସିବ୍ୟକ୍ତ କରିଛନ୍ତି । ରାଷ୍ଟ୍ରପତିଙ୍କ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଛନ୍ତି ।

## ପିଏମ୍-ମରିସସ୍

ମରିସସ୍‌ର ଜାତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସମ୍ମାନିତ ଅତିଥି ଭାବେ ଯୋଗଦେବେ । ଦ୍ୱିତୀୟଥର ପାଇଁ ମରିସସ୍‌ର ଜାତୀୟ ଦିବସ ସମାରୋହରେ ଶ୍ରୀ ମୋଦୀ ଯୋଗ ଦେଇଛନ୍ତି । ଭାରତୀୟ ବାୟୁସେନାର ଆକାଶ ଗଙ୍ଗା  ସ୍କାଏ ଡାଇଭିଂ ଦଳ ଏବଂ ଭାରତୀୟ ନୌସେନା ଜାହାଜ ଇମ୍ଫାଲ ଅଂଶଗ୍ରହଣ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ପୋର୍ଟଲୁଇସ୍‌ଠାରେ ତାଙ୍କ ମରିସସ୍ କର୍ତ୍ତୃପକ୍ଷ ନବୀନ ଚନ୍ଦ୍ର ରାମଗୁଲାମଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଦୁଇଦେଶର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଉଭୟପକ୍ଷ ସହମତ ହୋଇଥିବା ଜଣାପଡିଛି । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ନେଇ ନୂତନ ମାର୍ଗ ଉନ୍ମୋଚନ ଉପରେ ଉଭୟ ନେତା ଆଲୋଚନା କରିଥିଲେ । ଏହି ବୈଠକରେ ପ୍ରତିରକ୍ଷା, ନିରାପତ୍ତା, ଅର୍ଥନୈତିକ ସମ୍ପର୍କ ଏବଂ

ସାଂସ୍କୃତିକ ଆଦାନ ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା । ମରିସସ୍‌ର ଏକ ବିଶ୍ୱସ୍ତ ବିକାଶ ସହଯୋଗୀ ଭାବେ ଭାରତ ଗର୍ବ ଅନୁଭବ କରୁଛି ଏବଂ ଦକ୍ଷିଣ ବିଶ୍ୱର ସ୍ୱାର୍ଥକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟନେଇ ଦୁଇଦେଶ ମିଳିତଭାବେ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପରେ ମରିସସ୍ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଭୋଜିସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି ଦୁଇଦେଶ ମଧ୍ୟରେ ଭାଗିଦାରିତା କେବଳ ଐତିହାସିକ ସମ୍ପର୍କରେ ସୀମିତ ରହିନାହିଁ । ମରିସସ୍‌ରେ ବିଭିନ୍ନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟନେଇ ଭିତ୍ତିଭୂମି ପ୍ରକଳ୍ପ ଉପରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଉଭୟ ଦେଶର ଜନସାଧାରଣଙ୍କ ବିକାଶ ଶାନ୍ତି ଏବଂ ନିରାପତ୍ତା ପାଇଁ କାର୍ଯ୍ୟ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପୋର୍ଟଲୁଇସ୍‌ଠାରେ ଗତ ରାତିରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ଏବଂ ଦକ୍ଷିଣ ବିଶ୍ୱ ମଧ୍ୟରେ ମରିସସ୍ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବେ କାର୍ଯ୍ୟ କରୁଛି । ଉଭୟ ଦେଶ ମଧ୍ୟରେ ଐତିହ୍ୟ, ଇତିହାସ ଏବଂ ମାନବୀୟ ଭାବନା ଅତ୍ୟନ୍ତ ଗଭୀର ଏବଂ ସୁଦୃଢ଼ । ମରିସସ୍‌ରେ ନୂତନ ସଂସଦ ନିର୍ମାଣ ସମେତ ବିଭିନ୍ନ କ୍ଷେତ୍ରରେ ବିକାଶକୁ

ତ୍ୱରାନ୍ୱିତ କରିବାରେ ଭାରତ ସମସ୍ତପ୍ରକାର ସହଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି । ମରିସସ୍‌ର ବିଶାଳ ସାମୁଦ୍ରିକ ଅଞ୍ଚଳରେ ବେଆଇନ୍ ମାଛଧରା ଏବଂ ଅନ୍ୟାନ୍ୟ ଅପରାଧର ମୁକାବିଲା ପାଇଁ ଭାରତ ଏକ ସହଯୋଗୀ ରାଷ୍ଟ୍ର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । କୋଭିଡ-୧୯ ମହାମାରୀ ସମେତ ବିଭିନ୍ନ ଆହ୍ୱାନର ମୁକାବିଲା ଦିଗରେ ଭାରତ ତ୍ୱରିତ ସହାୟତା ପ୍ରଦାନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ବାରମ୍ବାର ଭୋଜପୁରୀ ଭାଷାର ବ୍ୟବହାର କରିଥିଲେ । କାରଣ ଏହି ଦ୍ୱୀପ ରାଷ୍ଟ୍ରରେ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ୭୦ପ୍ରତିଶତ ଭୋଜପୁରୀ ବଂଶୋଦ୍ଭବ ରହିଛନ୍ତି । ଏହି କାର୍ଯ୍ୟକ୍ରମରେ ମରିସସ୍ ପ୍ରତିପକ୍ଷ ନୀବନ ଚନ୍ଦ୍ର ରାମଗୁଲାମ, ତାଙ୍କ ପତ୍ନୀ ଏବଂ କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ସଦସ୍ୟ ଉପସ୍ଥିତ ଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ-ଏଜୁକେଶନ

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ଡିଏମ୍‌କେ ନେତୃତ୍ୱାଧୀନ ତାମିଲନାଡୁ ସରକାର ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରତିଷ୍ଠା ନେଇ ସଂସଦରେ ମିଥ୍ୟା ତଥ୍ୟ ଉପସ୍ଥାପନ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତାମିଲନାଡୁ ବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏକ ସମ୍ମତି ପତ୍ରକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଡିଏମ୍‌କେ ସାଂସଦ ଏବଂ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ପିଏମ୍‌ଶ୍ରୀ ବିଦ୍ୟାଳୟ ପ୍ରତିଷ୍ଠା ନେଇ ତାମିଲନାଡୁର ସହମତି ସଂକ୍ରାନ୍ତୀୟ ପ୍ରସଙ୍ଗରେ ସଂସଦରେ ତାଙ୍କ ବିରୋଧରେ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରିଛନ୍ତି । ଭାଷା ପ୍ରସଙ୍ଗକୁ ନେଇ ଡିଏମ୍‌କେ ଏକ ରାଜନୈତିକ କୌଶଳ ଭାବେ ଉପଯୋଗ କରୁଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି । ଜାତୀୟ ଶିକ୍ଷାନୀତି ଲାଗୁ ନେଇ ଡିଏମ୍‌କେର ଆଭିମୁଖ୍ୟ ବଦଳାଇବା ଉପରେ ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି । ରାଜନୈତିକ ଫାଇଦା ଅପେକ୍ଷା ତାମିଲନାଡୁରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ଷ୍ଟାଲିନଙ୍କୁ ଅନୁରୋଧ କରିଛନ୍ତି ।

## ତେଲେଙ୍ଗାନା ଆସେମ୍ବ୍ଲି ସେସନ

ତେଲେଙ୍ଗାନା ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଜ୍ୟପାଳ ଜିଷ୍ଣୁ ଦେବବର୍ମା ବିଧାନ ପରିଷଦ ଏବଂ ବିଧାନସଭା ସଦସ୍ୟଙ୍କ ମିଳିତ ଅଧିବେଶନକୁ ଆଜି ସମ୍ବୋଧନ କରିବେ । ଆସନ୍ତା ୧୯ ତାରିଖରେ ଗୃହରେ ବଜେଟ୍ ଉପସ୍ଥାପନ କରାଯିବ । ସେହିଭଳି ରାଜ୍ୟରେ ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ ୪୨ପ୍ରତିଶତକୁ ବୃଦ୍ଧି କରିବା ସଂକ୍ରାନ୍ତ ବିଲ୍ ଗୃହରେ ଏହି ଅଧିବେଶନ କାଳରେ ଆଗତ କରାଯିବାର ସମ୍ଭାବନା ରହିଥିବା ଜଣାପଡିଛି ।

## ୟୁଏସ୍-ୟୁକ୍ରେନ

ୟୁକ୍ରେନ ୩୦ଦିନ ପାଇଁ ତୁରନ୍ତ ଏବଂ ମଧ୍ୟବର୍ତ୍ତୀ ଅସ୍ତ୍ରବିରତି ପ୍ରସ୍ତାବରେ ରାଜି ହୋଇଛି ବୋଲି ଆମେରିକା ସୂଚନା ଦେଇଛି । ତେବେ ଏହାର ପ୍ରତ୍ୟୁତ୍ତର ରୁଷ୍ ଉପରେ ନିର୍ଭର କରେ । ଏପରିକି ଗୁଇନ୍ଦା ସୂଚନା ଆଦାନ ପ୍ରଦାନ ଏବଂ ୟୁକ୍ରେନ୍‌କୁ ସାମରିକ ସହାୟତା ଯୋଗାଇବା ଉପରେ ଲଗାଯାଇଥିବା ପ୍ରତିବନ୍ଧକକୁ ଆମେରିକା ହଟେଇ ଦେଇଛି । ସାଉଦୀ ଆରବର ଜେଦ୍ଦାଠାରେ ୟୁକ୍ରେନ ଅଧିକାରୀଙ୍କ ସହ ବୈଠକ ପରେ

ଆମେରିକା ବୈଦେଶିକ ସଚିବ ମାର୍କୋ ରୋବିଓ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଆମେରିକା ଓ ୟୁକ୍ରେନ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ୟୁକ୍ରେନ ତୁରନ୍ତ ମଧ୍ୟବର୍ତ୍ତୀ ୩୦ଦିନିଆ ଅସ୍ତ୍ରବିରତି ଲାଗୁ ପାଇଁ ଆମେରିକା ପ୍ରସ୍ତାବକୁ ଗ୍ରହଣ କରିବାରେ ଆଗ୍ରହ ପ୍ରକାଶ କରିଛି । ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ପାରସ୍ପରିକ ବୁଝାମଣା ଅଧିକ ଦୃଢ଼ୀଭୂତ ହୋଇପାରିବ । ତେବେ ରୁଷ୍ ପକ୍ଷରୁ ସକରାତ୍ମକ ପଦକ୍ଷେପ ସେହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ ବୋଲି ଆମେରିକା କହିଛି ।

## ପାକ୍-ଟ୍ରେନ୍ ହାଇଜାକ୍

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ପେଶୱାର ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ଉପରେ ଆତଙ୍କବାଦୀ ସଂଗଠନ ଆକ୍ରମଣ କରି ପ୍ରାୟ ୪୫୦ ଯାତ୍ରୀଙ୍କୁ ପଣବନ୍ଦୀ ରଖିଥିଲେ ।  ପରେ ସେମାନେ କିଛି ବେସାମରିକ ବ୍ୟକ୍ତିଙ୍କୁ ମୁକ୍ତ କରିଥିଲେ ମଧ୍ୟ ସାମରିକ କର୍ମଚାରୀଙ୍କ ସମେତ ୨୧୪ ଜଣଙ୍କୁ ପଣବନ୍ଦୀ କରି ରଖିଛନ୍ତି । ଆତଙ୍କବାଦୀ ସଂଗଠନ ବଲୋଚ

ଲିବରେସନ ଆର୍ମି-ବିଏଲ୍ଏ ଏଥିପାଇଁ ନିଜକୁ ଦାୟି ରଖିଛି । ଏହି ଆକ୍ରମଣରେ ୩୦ରୁ ଅଧିକ ସୁରକ୍ଷାକର୍ମୀ ସହିଦ ହୋଇଥିବା ବିଏଲ୍ଏ ପକ୍ଷରୁ ସୂଚନା ଦିଆଯାଇଛି । ଉଦ୍ଧାରକାରୀ ଦଳ ଏବଂ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆତଙ୍କବାଦୀଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ପାକିସ୍ତାନ ସରକାରଙ୍କ ମୁଖପାତ୍ର ଦେଇଥିବା ସୂଚନା ଅନୁଯାୟୀ ସୁରକ୍ଷାବାହିନୀ ପ୍ରାୟ ୮୦ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛି । ଅନ୍ୟପକ୍ଷରେ ବିଏଲ୍ଏ କହିଛି ସାଧାରଣ ନାଗରିକଙ୍କୁ ମୁକ୍ତ କରାଯାଇଛି । ପାକିସ୍ତାନ ସେନାର ସ୍ଥଳ ଆକ୍ରମଣକୁ ସମ୍ପୂର୍ଣ୍ଣରୂପେ ପ୍ରତିହତ କରାଯାଇଛି, ଫଳରେ ସୁରକ୍ଷା ବାହିନୀ ପଛକୁ ହଟିବାକୁ ବାଧ ହୋଇଛନ୍ତି । ୧୦୦ଜଣ ସୁରକ୍ଷା କର୍ମୀଙ୍କୁ ପଣବନ୍ଦୀ କରି ରଖାଯାଇଛି ବୋଲି ବିଏଲ୍ଏ କହିଛି । ବେଲୁଚିସ୍ତାନରେ ସକ୍ରିୟଥିବା ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରେ ବିଏଲ୍ଏ ସବୁଠାରୁ ଶକ୍ତିଶାଳୀ ସଂଗଠନ ଏବଂ ପାକିସ୍ତାନରୁ ଅଲଗା ହୋଇ ବଲୋଚ ରାଷ୍ଟ୍ର ଗଠନ କରିବା ଏହି ସଂଗଠନର ମୁଖ୍ୟ ଦାବି ମଧ୍ୟରେ ଅନ୍ତର୍ଭୁକ୍ତ । ଆଫଗାନିସ୍ତାନ ଏବଂ ଇରାନ ସୀମାବର୍ତ୍ତୀ ଅଞ୍ଚଳରେ ଏହି ଆତଙ୍କବାଦୀ ସଂଗଠନ ସକ୍ରିୟ ରହିଛି ।

## ମହିଳା ପ୍ରିମିୟର ଲିଗ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ପର୍ଯ୍ୟାୟକୁ ଦିଲ୍ଲୀ କ୍ୟାପିଟାଲ୍ସ ଉନ୍ନୀତ ହୋଇଛି । ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ତୃତୀୟ ସ୍ଥାନରେ ଥିବା ଗୁଜୁରାଟ ଜ୍ୟାଣ୍ଟ୍ସ ମଧ୍ୟରେ ଆସନ୍ତାକାଲି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ଏହାର ବିଜେତା ଆସନ୍ତା ଶନିବାର ଦିନ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଫାଇନାଲ ମ୍ୟାଚ୍ ଖେଳିବ ।

ଟୁର୍ଣ୍ଣାମେଣ୍ଟର ଗତକାଲିର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୧ରେ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରିଛି । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ବେଙ୍ଗାଲୁରୁକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ବେଙ୍ଗାଲୁରୁ ୩ ୱିକେଟ୍ ବିନିମୟରେ ୧୯୯ ରନ୍ ସଂଗ୍ରହ କରିଥିଲା । ୨୦୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ମୁମ୍ବାଇ ଇଣ୍ଡିଆନ୍ସ ୮ ୱିକେଟ୍ ବିନିମୟରେ ୧୮୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

## ମାଣ୍ଡବୀୟ-କବାଡି

ଷଷ୍ଠ ଏସୀୟ ମହିଳା କବାଡି ଚାମ୍ପିୟନସିପ ଟାଇଟଲ ହାସଲ କରିଥିବା ଭାରତୀୟ ମହିଳା ଦଳକୁ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ସମ୍ବର୍ଦ୍ଧିତ କରିଛନ୍ତି । ମହିଳା କ୍ରୀଡ଼ାବିତ୍‌ଙ୍କୁ ସହଯୋଗ ପ୍ରଦାନ କରିବାରେ ସରକାରଙ୍କ ପ୍ରୟାସ ଜାରି ରହିଛି ବୋଲି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ ଏହି ଅବସରରେ କହିଥିଲେ । ଏକ ମହିଳା କବାଡି ଲିଗ୍ ଆରମ୍ଭ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଥିଲେ । ଟାଇଟଲ ହାସଲ କରିଥିବା ମହିଳା କବାଡି ଦଳ ପାଇଁ ଡକ୍ଟର ମାଣ୍ଡବୀୟ ୬୭ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଇରାନ୍‌ର ତେହେରାନ୍‌ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇରାନ୍‌କୁ ୩୨-୨୫ ପଏଣ୍ଟରେ ଭାରତ ପରାସ୍ତ କରି ଟାଇଟଲ ହାସଲ କରିଥିଲା ।